*1963*
*ଡିସେମ୍ବର 1*

ଭି. ଆର. ସଦଗୋପ ନାଇଡୁ

*ବନାମ*

ଭକ୍ତବତ୍ସଳମ ଏବଂ ଅନ୍ୟଜଣେ

(ପି. ବି. ଗଜେନ୍ଦ୍ରଗଡକର ଏବଂ କେ. ସି. ଦାସ ଗୁପ୍ତା, ନ୍ୟାୟମୂର୍ତ୍ତିଦ୍ୱୟ)

*ହିନ୍ଦୁ ଆଇନ - ଅସବର୍ଣ୍ଣ ବିବାହ - ଅଧିନିୟମ ପୂର୍ବରୁ ବିବାହ - ଅଧିନିୟମର ପିଛିଲା ପ୍ରଭାବ ଅଛି କି - ହିନ୍ଦୁ ବିବାହ ବୈଧତା ଅଧିନିୟମ,* 1949 (1949 *ର ଅଧିନିୟମ* 21), *ଧାରା* 3

ନାବାଳକ ଉତ୍ତରଦାତା ସଂଖ୍ୟା 1 ବିଭାଜନ ନିମନ୍ତେ ଏକ ଦାବି ଉପରେ ଏକ ମକଦ୍ଦମା ଦାଏର କରିଥିଲେ, ଯେ ତାଙ୍କର ଜନ୍ମ ଦ୍ୱାରା, ପ୍ରତିବାଦୀ 2 ରୁ 10 ଭାବେ ପକ୍ଷଭୁକ୍ତ ହୋଇଥିବା ଅନ୍ୟ ନଅ ଜଣଙ୍କ ସହ ମକଦ୍ଦମାରେ ପ୍ରଥମ ପ୍ରତିବାଦୀ ଥିବା ତାଙ୍କ ପିତା ସଦଗୋପ ନାଇଡୁ ଗଠନ କରୁଥିବା ଏକ ଯୌଥ ହିନ୍ଦୁ ପରିବାରର, ସେ ସଦସ୍ୟ ହୋଇଥିଲେ । ତାଙ୍କର ମାମଲା ଏହା ଥିଲା ଯେ 24 ଜୁନ, 1948 ରେ ପଦ୍ମାବତୀ ଓ ସଦଗୋପଙ୍କର ବୈଧ ରୂପେ ବିବାହ ହୋଇଥିଲା ଏବଂ ସେହି ବିବାହରୁ ସେ ଜନ୍ମ ହୋଇଥିଲେ । ପ୍ରତିବାଦୀଙ୍କର ମାମଲା ଏହା ଥିଲା ଯେ ଆକ୍ଷେପିତ ବିବାହଟି ଏକ ବୈଧ ବିବାହ ନଥିଲା କାରଣ ପଦ୍ମାବତୀ ଜଣେ ବ୍ରାହ୍ମଣ ଝିଅ ଏବଂ ସଦଗୋପ ଜଣେ ଶୂଦ୍ର ଥିଲେ । ଏହି ତଥ୍ୟଗୁଡ଼ିକ ଉପରେ ବିଚାରଣ ନ୍ୟାୟାଳୟ ଉତ୍ତରଦାତା ସଂଖ୍ୟା 1ଙ୍କ ସପକ୍ଷରେ ବିଭାଜନ ନିମନ୍ତେ ଏକ ପ୍ରାଥମିକ ଡିକ୍ରି ପାରିତ କରିଥିଲେ । ବିଚାରଣ ନ୍ୟାୟାଳୟଙ୍କର ମତ ଏହା ଥିଲା ଯେ ହିନ୍ଦୁ ବିବାହ ବୈଧତା ଅଧିନିୟମ, 1949 ପୂର୍ବରୁ ବିବାହଟି ହୋଇଥିବାରୁ ହିନ୍ଦୁ ଆଇନ ଅନୁଯାୟୀ ଏହା ଅବୈଧ ହେବ । ତେବେ ଏହା ନିର୍ଣ୍ଣୟ ହୋଇଥିଲା ଯେ ହିନ୍ଦୁ ବିବାହ ବୈଧତା ଅଧିନିୟମ, 1949ର ଧାରା 3 ଦ୍ୱାରା ଏହାର ସ୍ଥିତି ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ ହୋଇଛି ଏବଂ 1949ର ଅଧିନିୟମ ଦ୍ୱାରା ବିବାହକୁ ବୈଧ କରାଯାଇଛି । ପ୍ରତିବାଦୀଙ୍କ ଆବେଦନ ପରେ, ବିଚାରଣ ନ୍ୟାୟାଳୟ ଦ୍ୱାରା ପାରିତ ରାୟ ଏବଂ ଡିକ୍ରିକୁ ଉଚ୍ଚ ନ୍ୟାୟାଳୟ ସୁନିଶ୍ଚିତ କରିଥିଲେ । ସେଥିପାଇଁ ଏହି ଆବେଦନ କରାଯାଇଛି ।

*ଏହା ନିର୍ଣ୍ଣୟ ହୋଇଥିଲା ଯେ:* (i) ହିନ୍ଦୁ ବିବାହ ବୈଧତା ଅଧିନିୟମ, 1949, ପିଛିଲାକାଳୀନ ଥିଲା ଏବଂ ଅଧିନିୟମ ପୂର୍ବରୁ, ବିଭିନ୍ନ ଜାତି, ଉପ-ଜାତି ଏବଂ ସମ୍ପ୍ରଦାୟର ପକ୍ଷମାନଙ୍କ ମଧ୍ୟରେ ସମ୍ପର୍ଣ୍ଣ ହୋଇଥିବା ବିବାହକୁ ଏହା ବୈଧ କରିଥିଲା । କେବଳ ସ୍ୱାମୀ ଏବଂ ସ୍ତ୍ରୀଙ୍କ ସ୍ଥିତିକୁ ନିୟମିତ କରିବା ହିଁ ବିଧାନମଣ୍ଡଳର ଉଦ୍ଦେଶ୍ୟ ଥିଲା ବୋଲି କହିବା ନିରର୍ଥକ ହେବ ।

*1963*

*ଭି. ଆର. ସଦଗୋପ ନାଇଡୁ ବନାମ ଭକ୍ତବତ୍ସଲମ ଏବଂ ଅନ୍ୟଜଣେ*

*ନ୍ୟାୟାଧୀଶ ଦାସ ଗୁପ୍ତା*

ତାହା ନିଶ୍ଚିତ ଭାବେ ଲକ୍ଷ୍ୟର ଅଂଶବିଶେଷ ଥିଲା । କିନ୍ତୁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ, କିମ୍ବା ବୋଧହୁଏ ଅଧିକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ଏହା ଥିଲା ଯେ ବିବାହର ଫଳସ୍ୱରୂପ ସନ୍ତାନମାନେ ବୈଧ ହେବେ ।

ଏହି ମାମଲାର ତଥ୍ୟ ଉପରେ ଏହା ନିର୍ଣ୍ଣୟ ହୋଇଥିଲା ଯେ ଏହି ଆକ୍ଷେପିତ ବିବାହ ଏକ ବୈଧ ହିନ୍ଦୁ ବିବାହ ଥିଲା ଏବଂ ଉତ୍ତରଦାତା ସଂଖ୍ୟା 1 ସଦଗୋପଙ୍କର ବୈଧ ପୁତ୍ର ଥିଲେ ଯାହାଙ୍କ ପାଖରେ, ଯୌଥ ପରିବାରର ସମ୍ପତ୍ତି ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ସମ୍ବନ୍ଧରେ ସହ-ଉତ୍ତରାଧିକାରୀଙ୍କୁ ପ୍ରଦତ୍ତ ସମସ୍ତ ଅଧିକାର ମଧ୍ୟ ଥିଲା ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 316/1959 ।

ଅପିଲ ସଂଖ୍ୟା 282/1952 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର 22 ଅଗଷ୍ଟ, 1959 ର ରାୟ ଏବଂ ଡିକ୍ରିରୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଆବେଦନକାରୀମାନଙ୍କ ପକ୍ଷରୁ *ଜି. ଏସ୍. ପାଠକ, ବି. ଦତ୍ତ, ଟି. ଆର୍. ରାମଚନ୍ଦ୍ର, ଜେ. ବି. ଦାଦାଚାଞ୍ଜି, ଓ. ସି. ମାଥୁର* ଏବଂ *ରବିନ୍ଦର ନାରାୟଣ* ।

ଉତ୍ତରଦାତା ସଂଖ୍ୟା 1 ଙ୍କ ପକ୍ଷରୁ *ଭାରତର ସଲିସିଟର୍ ଜେନେରାଲ୍, ଏଚ୍. ଏନ୍. ସାନ୍ୟାଲ୍, କେ. ଜୟରାମ* ଏବଂ *ଆର୍. ଗଣପତି ଆୟାର* ।

ଉତ୍ତରଦାତା ସଂଖ୍ୟା 2 ଙ୍କ ପକ୍ଷରୁ *ଏନ୍. ପଞ୍ଚପାଗେସ ଆୟାର, ଏମ୍. ପି. ସ୍ୱାମୀ* ଏବଂ *ଆର୍. ଥ୍ୟାଗରାଜନ* ।

ଡିସେମ୍ବର 11,1963 । ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟାଧୀଶ ଦାସ ଗୁପ୍ତା

ନ୍ୟାୟାଧୀଶ ଦାସ ଗୁପ୍ତାଙ୍କ ଦ୍ୱାରା - ତେର ମାସର ଭକ୍ତବତ୍ସଲମ୍ ବିଭାଜନ ପାଇଁ ଏକ ଦାବି ଉପରେ ଏହି ମକଦ୍ଦମା ଦାଏର କରିଥିଲେ ଯେ ତାଙ୍କ ଜନ୍ମ ଦ୍ୱାରା ସେ, ପ୍ରତିବାଦୀ 2 ରୁ 10 ଭାବେ ପକ୍ଷଭୁକ୍ତ ହୋଇଥିବା ଅନ୍ୟ ନଅ ଜଣ ବ୍ୟକ୍ତିଙ୍କ ସହ ମିଶି ମକଦ୍ଦମାରେ ପ୍ରଥମ ପ୍ରତିବାଦୀ ଥିବା ତାଙ୍କ ପିତା ଭି. ଆର. ସଦଗୋପ ନାଇଡୁ ଗଠନ କରୁଥିବା ଯୌଥ ହିନ୍ଦୁ ପରିବାରର, ସେ ସଦସ୍ୟ ହୋଇଥିଲେ । ତାଙ୍କ ମାମଲା ହେଉଛି ଯେ 24 ଜୁନ୍, 1948 ରେ ପଦ୍ମାବତୀ ଏବଂ ସଦଗୋପ ବୈଧ ଭାବରେ ବିବାହ କରିଥିଲେ ଏବଂ ସେହି ବିବାହରୁ ତାଙ୍କର ଜନ୍ମ ହୋଇଥିଲା ।

ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତିବାଦୀମାନଙ୍କର ମୁଖ୍ୟ ଯୁକ୍ତି ହେଉଛି ଯେ ପଦ୍ମାବତୀ ଏବଂ ସଦଗୋପଙ୍କ ବିବାହ କେବେ ହୋଇନଥିଲା ଏବଂ ଭକ୍ତବତ୍ସଳମ ସଦଗୋପଙ୍କ ପୁଅ ନୁହଁନ୍ତି ।

ଏହି ଦୁଇଟି ଯାଞ୍ଚ ପ୍ରସଙ୍ଗରେ ବିଚାରଣ ଅଦାଲତ ବାଦୀଙ୍କ ମାମଲା ପ୍ରମାଣିତ ହୋଇଥିବା ଜାଣିବାକୁ ପାଇଲେ ଏବଂ ପ୍ରତିବାଦୀ ପକ୍ଷର ପ୍ରାର୍ଥନାକୁ ପ୍ରତ୍ୟାଖ୍ୟାନ କରିଥିଲେ । ବିଚାର ସମୟରେ ଆଉ ଏକ ପ୍ରସଙ୍ଗ ଉଠାଯାଇଥିଲା ଯେ ଯଦି ପଦ୍ମାବତୀ ଏବଂ ସଦଗୋପଙ୍କ ମଧ୍ୟରେ କୌଣସି ବିବାହ ହୋଇଥିଲା ତାହା ବୈଧ ବିବାହ ନଥିଲା କାରଣ ପଦ୍ମାବତୀ ଜଣେ ବ୍ରାହ୍ମଣ ଝିଅ ଏବଂ ସଦଗୋପ ଜଣେ ଶୂଦ୍ର ଥିଲେ । ବିଚାରଣ ଅଦାଲତର ମତ ଏହା ଥିଲା ଯେ ପଦ୍ମାବତୀ ଜଣେ ବ୍ରାହ୍ମଣ, ଏବଂ ସ୍ୱୀକୃତ ଭାବରେ ସଦଗୋପ ଜଣେ ଶୂଦ୍ର ହୋଇଥିବାରୁ, ହିନ୍ଦୁ ବିବାହ ବୈଧତା ଅଧିନିୟମ, 1949 ପୂର୍ବରୁ ଥିବା ହିନ୍ଦୁ ଆଇନ ଅନୁଯାୟୀ ଏହି ବିବାହ ଅବୈଧ ହେବ । ତେବେ ଏହା ନିର୍ଣ୍ଣୟ ହୋଇଥିଲା ଯେ ଉକ୍ତ ଅଧିନିୟମର ଧାରା 3 ଦ୍ୱାରା ଏହି ସ୍ଥିତିକୁ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରାଯାଇଛି ଏବଂ ଯଦିଓ ପଦ୍ମାବତୀ ବ୍ରାହ୍ମଣ ଜାତିର ଥିଲେ ଏବଂ ସଦଗୋପା ଯେଉଁ ଜାତିର ଥିଲେ ସେଥିରେ ଆସୁନଥିଲେ, ବିଦ୍ୟମାନ ଆଇନ ଅନୁସାରେ ବିବାହଟି ବୈଧ ଅଟେ । ଏହି ଅଧିନିୟମର ବୈଧତାକୁ ହିଁ ବିଚାରଣ ଅଦାଲତରେ ଆପତ୍ତି କରାଯାଇଥିବା ପରି ମନେହୁଏ, କିନ୍ତୁ, ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଫଳସ୍ୱରୂପ, ବିଚାରଣ ଅଦାଲତ ବିଭାଜନ ନିମନ୍ତେ ଏକ ପ୍ରାଥମିକ ଡିକ୍ରି ପାରିତ କରିଥିଲେ ଯେଉଁଥିରେ ବାଦୀଙ୍କୁ ବାଦ ପତ୍ରରେ ଦର୍ଶାଯାଇଥିବା ସମ୍ପତ୍ତିର 1/8 ଭାଗର ଆବଣ୍ଟନ ପାଇଁ ବନ୍ଦୋବସ୍ତ ଥିଲା । ଏହି ଡିକ୍ରିରେ ଅନ୍ୟ କିଛି ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା, ଯାହା ସହିତ ଆମେ ସମ୍ପୃକ୍ତ ନୁହଁ ।

ପ୍ରତିବାଦୀମାନଙ୍କର ଅପିଲ ଉପରେ, ମାଡ୍ରାସର ଉଚ୍ଚ ନ୍ୟାୟାଳୟ ବିଚାରଣ ଅଦାଲତ ସହିତ ସହମତ ହୋଇଥିଲେ ଯେ ପଦ୍ମାବତୀ ଏବଂ ସଦଗୋପ ବିଧିବଦ୍ଧ ଭାବରେ ବିବାହ କରିଥିଲେ ଏବଂ ସେହି ବିବାହର ଫଳସ୍ୱରୂପ ସଦଗୋପଙ୍କ ଦ୍ୱାରା ପଦ୍ମାବତୀଙ୍କ ଠାରୁ ବାଦୀ ଭକ୍ତବତ୍ସଳମ ଜନ୍ମ ହୋଇଥିଲେ । ତେବେ ଉଚ୍ଚ ନ୍ୟାୟାଳୟଙ୍କ ମତ ଏହା ଥିଲା ଯେ ସଦଗୋପଙ୍କ ଭଳି ପଦ୍ମାବତୀ ଜଣେ ଶୂଦ୍ର ଥିଲେ । ତେବେ ପଦ୍ମାବତୀ ଜଣେ ବ୍ରାହ୍ମଣ ବୋଲି ଯୁକ୍ତି ଉଦ୍ଦେଶ୍ୟରେ ଅନୁମାନ କରି ଉଚ୍ଚ ନ୍ୟାୟାଳୟ ବିଚାରଣ ଅଦାଲତଙ୍କ ସହ ସହମତ ହୋଇଥିଲେ ଯେ ହିନ୍ଦୁ ବିବାହ ବୈଧତା ଅଧିନିୟମ, 1949 ଦ୍ୱାରା ଏହି ବିବାହ ବୈଧ ଅଟେ, ତେଣୁ, ସହ ଉତ୍ତରାଧିକାର ସମ୍ବନ୍ଧରେ ତାଙ୍କ ପିତାଙ୍କ ପାଖରେ ଥିବା ସମସ୍ତ ଅଧିକାର, ବୈଧ ପୁତ୍ର ହିସାବରେ ବାଦୀଙ୍କ ପାଖରେ ରହିବ । ଏହି ଅଧିନିୟମର ବୈଧତାର ଅସଫଳ ଆପତ୍ତି କରାଯାଇଥିଲା । ତଦନୁସାରେ,

*1963*

*ଭି. ଆର. ସଦଗୋପ ନାଇଡୁ ବନାମ ଭକ୍ତବସଲମ ଏବଂ ଅନ୍ୟଜଣେ*

*ନ୍ୟାୟାଧୀଶ ଦାସ ଗୁପ୍ତା*

ବିଚାରଣ ଅଦାଲତ ଦ୍ୱାରା ପାରିତ ରାୟ ଏବଂ ଡିକ୍ରିକୁ ଉଚ୍ଚ ନ୍ୟାୟାଳୟ ସୁନିଶ୍ଚିତ କରିଥିଲେ ଏବଂ ଆବେଦନକୁ ଖାରଜ କରିଦେଇଥିଲେ । ଉଚ୍ଚ ନ୍ୟାୟାଳୟର ଏହି ନିର୍ଣ୍ଣୟ ବିରୁଦ୍ଧରେ ବିଶେଷ ଅନୁମତି ସହ ପ୍ରତିବାଦୀମାନଙ୍କ ଦ୍ୱାରା ବର୍ତ୍ତମାନର ଆବେଦନ ଦାଖଲ କରାଯାଇଛି ।

ଆବେଦନର ସମର୍ଥନରେ, ପ୍ରଥମେ ସଦଗୋପ ଏବଂ ପଦ୍ମାବତୀଙ୍କ ମଧ୍ୟରେ ହୋଇଥିବା ବିବାହ ଏବଂ ସେହି ବିବାହ ଦ୍ୱାରା ପଦ୍ମାବତୀଙ୍କ ଠାରୁ ସଦଗୋପଙ୍କ ଜନ୍ମ ସମ୍ବନ୍ଧରେ ନିମ୍ନ ନ୍ୟାୟାଳୟର ତଥ୍ୟର ସମବର୍ତ୍ତୀ ଅନୁସନ୍ଧାନ ଉପରେ ଆପତ୍ତି କରିବାକୁ ଶ୍ରୀ ପାଠକ ପ୍ରଥମେ ଚେଷ୍ଟା କରିଥିଲେ । ବିଜ୍ଞ ଅଧିବକ୍ତା କହିବାକୁ ଚାହୁଁଥିଲେ ଯେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣଗୁଡ଼ିକର ଭୁଲ ପଠନ ଦ୍ୱାରା ଏହି ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟଙ୍କ ଅନୁସନ୍ଧାନ ବ୍ୟର୍ଥ ହୋଇଯାଇଥିଲା । ତେବେ ପ୍ରମାଣର ପୁନଃ ମୂଲ୍ୟାୟନକୁ ଯଥାର୍ଥ ସାବ୍ୟସ୍ତ କରିବା ପାଇଁ ସେ ଏପରି କୌଣସି ଭୁଲ୍ ପଠନ କିମ୍ବା ଅନ୍ୟ କୌଣସି ତ୍ରୁଟିକୁ ଦର୍ଶାଇ ପାରିଲେ ନାହିଁ ।

ଏହି ପ୍ରୟାସରେ ବିଫଳ ହେବା ପରେ ଶ୍ରୀ ପାଠକ ଯୁକ୍ତି ବାଢ଼ିଥିଲେ ଯେ ହିନ୍ଦୁ ବିବାହ ବୈଧତା ଅଧିନିୟମ, 1949ର ବ୍ୟବସ୍ଥା ସତ୍ତ୍ୱେ ଆଇନଗତ ଭାବେ ବାଦୀ ସଦଗୋପଙ୍କ ବୈଧ ପୁତ୍ର ହୋଇପାରି ନଥିଲେ । ବିଜ୍ଞ ଅଧିବକ୍ତାଙ୍କ ଅନୁସାରେ ଏହି ଅଧିନିୟମର ଏକମାତ୍ର ପ୍ରଭାବ ହେଉଛି ଯେ ବିବାହଟି ବୈଧ ହୋଇଥାଏ ଏବଂ ଅଧିନିୟମ ଲାଗୁ ହେବା ତାରିଖ ପୂର୍ବରୁ ଜନ୍ମ ହୋଇଥିବା ଶିଶୁର ବୈଧତା ସମ୍ବନ୍ଧରେ ଏହାର କୌଣସି ପ୍ରଭାବ ନଥାଏ ।

ଏହି ଅଧିନିୟମର ପ୍ରାସଙ୍ଗିକ ବ୍ୟବସ୍ଥା ଧାରା 3 ରେ ରହିଛି ଏବଂ ଏହି ଶବ୍ଦରେ ବିଦ୍ୟମାନ:-

> "ବର୍ତ୍ତମାନ ବଳବତ୍ତର ଥିବା କୌଣସି ଅନ୍ୟ ଆଇନ କିମ୍ବା କୌଣସି ପୁସ୍ତକ, କିମ୍ବା ହିନ୍ଦୁ ଆଇନର ବର୍ଣ୍ଣନ, କିମ୍ବା କୌଣସି ପ୍ରଥା କିମ୍ବା ଚଳଣିରେ ଯାହା କିଛି ରହିଥିବା ସତ୍ତ୍ୱେ, ହିନ୍ଦୁମାନଙ୍କ ମଧ୍ୟରେ କୌଣସି ବିବାହକୁ ଅବୈଧ ବୋଲି କିମ୍ବା କଦାପି ଅବୈଧ ହେବ ନାହିଁ ବୋଲି ବିବେଚନା କରାଯାଇପାରିବନାହିଁ; କେବଳ ଏହି କାରଣ ପାଇଁ ଯେ ସେଥିରେ ଥିବା ପକ୍ଷମାନେ ବିଭିନ୍ନ ଧର୍ମ, ଜାତି, ଉପ-ଜାତି କିମ୍ବା ସମ୍ପ୍ରଦାୟର ଅଟନ୍ତି ।"

ତାଙ୍କ ପ୍ରସ୍ତାବ ପାଇଁ ବିଜ୍ଞ ଅଧିବକ୍ତା କୌଣସି ପ୍ରାଧିକରଣକୁ ଉଦ୍ଧୃତ କରିପାରିଲେ ନାହିଁ; ଏବଂ ଏହା ସ୍ୱାଭାବିକ ଅଟେ କାରଣ ଉପସ୍ଥାପିତ ଯୁକ୍ତି ସମ୍ପୂର୍ଣ୍ଣ ରୂପେ ଭୁଲ ଅଟେ ଏବଂ ଅତ୍ୟଧିକ ବୋଲି ବର୍ଣ୍ଣିତ କରାଯାଇପାରେ । ତେବେ ସେ ଆମକୁ ବୁଝାଇବାକୁ ଚେଷ୍ଟା କଲେ ଯେ ଏହି

ଧାରାରେ ବ୍ୟବହୃତ ଶବ୍ଦଗୁଡ଼ିକର ଉପଯୁକ୍ତ ଗଠନ ଉପସଂହାରକୁ ଯଥାର୍ଥ ସାବ୍ୟସ୍ତ କରେ ଯେ ବିବାହ କରିଥିବା ପକ୍ଷମାନଙ୍କର ସ୍ଥିତିକୁ ଏହା କେବଳ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲା । ସେ ସ୍ୱୀକାର କରିଥିଲେ ଯେ ଅଧିନିୟମର ତାରିଖ ପରେ ପାଳନ କରାଯାଉଥିବା ପ୍ରତ୍ୟେକ ବିବାହ କ୍ଷେତ୍ରରେ, ବିବାହ ବୈଧ ହେବାର ପରିଣାମ ଏହା ହେବ ଯେ ବିବାହରୁ ଜନ୍ମିତ ସନ୍ତାନ ବୈଧ ହେବେ, କିନ୍ତୁ ଯୁକ୍ତି କରିଥିଲେ ଯେ ସେହି ଅଧିନିୟମ ତାରିଖ ପୂର୍ବରୁ ଅନୁଷ୍ଠିତ ବିବାହ, ଯାହା ସେତେବେଳେ ଅବୈଧ ଥିଲା ଏବଂ ସେତେବେଳେ ଅବୈଧ ଥିବା ପିଲାମାନଙ୍କ କ୍ଷେତ୍ରରେ ସମାନ ଫଳାଫଳ ଅନୁସରଣ କରାଯିବ ନାହିଁ । ସେ ଯୁକ୍ତି କରନ୍ତି, ଅବୈଧ ପିଲାମାନଙ୍କୁ ଏହି ଅଧିନିୟମ ଦ୍ୱାରା ବୈଧ କରାଯାଇ ନାହିଁ । ବିଜ୍ଞ ଅଧିବକ୍ତାଙ୍କ ଅନୁସାରେ, ସେହି ଉଦ୍ଦେଶ୍ୟରେ ଏକ ତ୍ୱରିତ ବ୍ୟବସ୍ଥାର ଆବଶ୍ୟକ ଥିଲା । ତାଙ୍କ ଯୁକ୍ତିକୁ ସମର୍ଥନ କରି ସେ ହିନ୍ଦୁ ବିଧବା ପୁନଃବିବାହ ଅଧିନିୟମ, 1856 ର ଧାରା 1 ର ଶବ୍ଦାବଳୀ ପ୍ରତି ଆମର ଧ୍ୟାନ ଆକର୍ଷଣ କରିଛନ୍ତି, ଯାହାକୁ ଏହି ଶବ୍ଦରେ ଉପସ୍ଥାପିତ କରାଯାଇଛି:—

> "ମହିଳା ପୂର୍ବରୁ ବିବାହ କରିଥିଲେ କିମ୍ବା ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ନିର୍ବନ୍ଧ ହୋଇଥିଲେ, ଯିଏକି ଏପରି ବିବାହ ସମୟରେ ମୃତ୍ୟୁବରଣ କରିଥିଲେ, କୌଣସି ପ୍ରଥା ଏବଂ ହିନ୍ଦୁ ଆଇନର କୌଣସି ବ୍ୟାଖ୍ୟାର ବିପରୀତ ହୋଇଥିବା ସତ୍ତ୍ୱେ, ଏହି ସବୁ କାରଣରୁ ହିନ୍ଦୁମାନଙ୍କ ମଧ୍ୟରେ ହୋଇଥିବା କୌଣସି ବିବାହ ଅବୈଧ ହେବ ନାହିଁ, ଏବଂ ଏପରି କୌଣସି ବିବାହର ପ୍ରସଙ୍ଗ ଅବୈଧ ହେବ ନାହିଁ ।"

ତାଙ୍କ ଯୁକ୍ତିକୁ ସମର୍ଥନ କରିବାକୁ ଯାଇ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଦାବି କରାଯାଇଛି ଯେ ହିନ୍ଦୁ ବିବାହ ବୈଧତା ଅଧିନିୟମ, 1949 ରେ "ଏପରି କୌଣସି ବିବାହର ପ୍ରସଙ୍ଗ ଅବୈଧ ହେବ ନାହିଁ" ଭଳି କୌଣସି ବାକ୍ୟାଂଶର ଉପସ୍ଥିତି ନାହିଁ ।

ଆମେ ରାଜି ହୋଇପାରିବୁ ନାହିଁ । ଆମ ମତରେ, ହିନ୍ଦୁ ବିଧବା ପୁନଃବିବାହ ଅଧିନିୟମର ଧାରା 1 ରେ "ଏପରି କୌଣସି ବିବାହର ପ୍ରସଙ୍ଗ ଅବୈଧ ହେବ ନାହିଁ" ଶବ୍ଦର ପ୍ରକୃତରେ ବ୍ୟବହାରର ଆବଶ୍ୟକ ନଥିଲା, ଏବଂ ଏହି ଶବ୍ଦଗୁଡ଼ିକ ବିନା ମଧ୍ୟ ବିବାହର ବୈଧ ହେବାର ପ୍ରଭାବ ନିଶ୍ଚିତ ରୂପେ ଏହା ହୋଇଥାଆନ୍ତା ଯେ ବିବାହର ପ୍ରସଙ୍ଗ ବୈଧ ଥିଲା । 1856 ରେ ଏହି ଶବ୍ଦଗୁଡିକ ବିଧାନମଣ୍ଡଳ ଦ୍ୱାରା ପ୍ରଚୁର ସତର୍କତାର ବିଷୟ ଭାବରେ ଏହି ଧାରାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ହିନ୍ଦୁ ବିବାହ ବୈଧତା ଅଧିନିୟମ, 1949ରେ ଏପରି ଶବ୍ଦର ଅନୁପସ୍ଥିତିର କୌଣସି ପରିଣାମ ନାହିଁ । ଯଦି ଏହି ଅଧିନିୟମ ପିଛିଲା ଭାବରେ ଅଧିନିୟମର ତାରିଖ ପୂର୍ବରୁ

*1963*

*ଭି. ଆର. ସଦଗୋପ ନାଇଡୁ ବନାମ ଭକ୍ତବସ୍ତଳମ ଏବଂ ଅନ୍ୟଜଣେ*

*ନ୍ୟାୟାଧୀଶ ଦାସ ଗୁପ୍ତା*

ଅନୁଷ୍ଠିତ ବିବାହକୁ ବୈଧ କରିନଥାନ୍ତା, ତେବେ ସେହି ବିବାହ ଦ୍ୱାରା ହେଉଥିବା ପିଲାମାନଙ୍କର ବୈଧତାକୁ ସେମାନେ ଦାବି କରିପାରିନଥାନ୍ତେ । ତେବେ ଏହି ଅଧିନିୟମଟି ପିଛିଲା ଭାବେ ଲାଗୁ ହୋଇଥିଲା ଏବଂ ଏହି ଅଧିନିୟମ ପୂର୍ବରୁ ବିଭିନ୍ନ ଜାତି, ଉପ-ଜାତି ଏବଂ ସମ୍ପ୍ରଦାୟର ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ବିବାହକୁ ବୈଧ କରୁଥିଲା । ବିଧାନମଣ୍ଡଳର ଉଦ୍ଦେଶ୍ୟ କେବଳ ସ୍ୱାମୀ ଏବଂ ସ୍ତ୍ରୀଙ୍କ ସ୍ଥିତିକୁ ନିୟମିତ କରିବା ଥିଲା ବୋଲି ଯୁକ୍ତି କରିବା ନିରର୍ଥକ ଅଟେ । ତାହା ନିଶ୍ଚିତ ଭାବେ ଉଦ୍ଦେଶ୍ୟର ଅଂଶବିଶେଷ ଥିଲା । କିନ୍ତୁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ, କିମ୍ବା ବୋଧହୁଏ ଅଧିକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ଏହା ଥିଲା ଯେ ବିବାହ ଦ୍ୱାରା ହେଉଥିବା ପିଲାମାନେ ବୈଧ ହେବେ ।

ତେଣୁ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛୁ ଯେ ଯଦିଓ ବିଚାରଣ ଅଦାଲତ ପଦ୍ମାବତୀଙ୍କୁ ଜଣେ ଶୂଦ୍ର ନୁହେଁ ବରଂ ଜଣେ ବ୍ରାହ୍ମଣ ଝିଅ ବୋଲି ଭାବିବାରେ ଠିକ୍ ଥିଲେ, ନିମ୍ନ ଅଦାଲତ ପାଇଥିବା ଆଇନଗତ ସ୍ଥିତି ଏହା ଥିଲା ଯେ, ଅର୍ଥାତ, ଏହା ଏକ ବୈଧ ହିନ୍ଦୁ ବିବାହ ଥିଲା ଏବଂ ଭକ୍ତବସ୍ତଳମ ସଦଗୋପଙ୍କ ବୈଧ ପୁତ୍ର ଥିଲେ ଯାହାଙ୍କର, ଯୌଥ ପାରିବାରିକ ସମ୍ପତ୍ତି ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଜଣେ ସହ ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ସମସ୍ତ ଅଧିକାର ଥିଲା ।

ଆବେଦନରେ ଅନ୍ୟ କୌଣସି ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇ ନଥିଲା । ତଦନୁସାରେ ଆବେଦନକୁ ଖର୍ଚ୍ଚ ସହିତ ଖାରଜ କରାଗଲା ।

*ଆବେଦନ ଖାରଜ ହେଲା ।*

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ